# ବାହାର ରାଜ୍ୟର ଶ୍ରମିକମାନଂକର ଘରବାହୁଡା -

## ୩ଟି ବସ୍‌ରେ ଗଲେ ୯୭ ଜଣ ଶ୍ରମିକ ।

ସମ୍ପ୍ରତି କରୋନା ସଂକ୍ରମଣ ବ୍ୟାପିବାକୁ ପ୍ରତିରୋଧ କରିବା ନିମନ୍ତେ ସରକାରଂକ ତରଫରୁ ଜାରି ହୋଇଥିଲା ତାଲା ବନ୍ଦ । ଏହି ସମୟରେ ଆମ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ନିଜ ରାଜ୍ୟ ଯାଇ ନ ପାରି ଅସ୍ଥାୟୀ ମେଡିକାଲ ଶିବିରରେ ରହିଥିଲେ । କିଛି ଶ୍ରମିକ ଜିଲ୍ଲା ମଧ୍ୟ ଦେଇ ରାଜ୍ୟ ବାହାରକୁ ଯାଉଥିବା ସମୟରେ ପୋଲିସ ସହାୟତାରେ ସେମାନଂକୁ ଅସ୍ଥାୟୀ ମେଡିକାଲ ଶିବିରରେ ରଖାଯାଇଥିଲା । ଯେଉଁ ଶ୍ରମିକମାନେ ସଫଳତାର ସହ ୧୪ ଦିନିଆ ସଂଗରୋଧ ସମାପ୍ତ କରିଛନ୍ତି ସେମାନଂକୁ ଜିଲ୍ଲା ପ୍ରଶାସନ ତରଫରୁ ବସ ଯୋଗେ ନିଜ ନିଜ ରାଜ୍ୟକୁ ପଠାଇବାର ପ୍ରକ୍ରୀୟା ଚାଲୁରହିଛି । ଆଜି ଛତିଶଗଡର ୭୮ ଜଣ, ମଧ୍ୟପ୍ରଦେଶର ୧୮ ଜଣ ଓ ବୌଦ୍ଧ ଜିଲ୍ଲାର ଜଣଂକୁ ୩ ଟି ବସ ଯୋଗେ ନିଜ ନିଜ ରାଜ୍ୟକୁ ପଠାଇ ଦିଆଯାଇଛି । ବସ ଯାତାୟତର ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି । ବସରେ ଦୀର୍ଘକାଳୀନ ଯାତ୍ରା କରୁଥିବା ଏହି ଶ୍ରମିକମାନଂକୁ ଜିଲ୍ଲା ପ୍ରଶାସନ ତରଫରୁ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇଛି । ସମସ୍ତ ଶ୍ରମିକମାନଂକର ପ୍ରାଥମିକ ସ୍ୱାସ୍ଥ୍ୟ ପରିକ୍ଷା କରାଯାଇ ବସରେ ଉପଲବଧ ସିଟ୍ କ୍ଷମତାର ୫୦ ପ୍ରତିଶତ ସିଟ୍‌ରେ ଶ୍ରମିକଂକୁ ସାମାଜିକ ଦୂରତା ଅବଲମ୍ବନ ପୂର୍ବକ ଯାତ୍ରା କରିବାକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଦାୟିତ୍ୱରେ ଥିବା ଅଧିକାରୀମାନଂକୁ ପରାମର୍ଶ ଦେଇଛନ୍ତି । ଶ୍ରମିକମାନଂକୁ ନିଜ ରାଜ୍ୟକୁ ପଠାଇବାର ଦାୟିତ୍ୱରେ ଥିବା ଏମ୍ ସି ଏଲର ଭୂ-ଅର୍ଜନ ଅଧିକାରୀ ଶ୍ରୀ ରତନ କୁମାର ଆଚାର୍ଯ୍ୟ,ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସୁବ୍ରତ କୁମାର ବେହେରା ଓ ଅନୁଗୋଳ ଅତିରିକ୍ତ ତହସିଲଦାର ଶ୍ରୀ ସୁଦର୍ଶନ ଗୁରୁ ସହକାରୀ ନୋଡାଲ ଅଫିସର ଭାବେ ଏହି ବସ ଗୁଡିକୁ ଆଜି ଆନୁଷ୍ଠାନିକ ଭାବେ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ପଠାଇଥିଲେ ।


Chambal
J.N.V. MORENA
TO
J.N.V. ANGUL
UP75.AT.8445

